# NATIONAL NEWS BULLETIN (ODIA)

## 26 December - 2025

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଜେନ୍ ଜି ଏବଂ ଜେନ୍ ଆଲ୍‌ଫା ଅଗ୍ରଣୀ ଭୂମିକା ଗ୍ରହଣ କରିବ, ବୀର ବାଲ୍ ଦିବସରେ କହିଲେ ପ୍ରଧାନମନ୍ତ୍ରୀ ।
- ଆସନ୍ତା ୨୦୩୦ ସୁଦ୍ଧା ଦେଶର ୪୮ଟି ପ୍ରମୁଖ ସହରରେ ରେଳ ଚଳାଚଳ ଦ୍ୱିଗୁଣିତ କରିବାକୁ ଭାରତୀୟ ରେଳବାଇର ନିଷ୍ପତ୍ତି ।
- ଚାରି ଦିନିଆ ଗୋଆ, କର୍ଣ୍ଣାଟକ ଏବଂ ଝାଡ଼ଖଣ୍ଡ ଗସ୍ତରେ ଆସନ୍ତାକାଲିଠାରୁ ଯିବେ ରାଷ୍ଟ୍ରପତି ।
- ଏଚ୍.ଓ୍ୱାନ୍.ବି. ଭିସା ମିଳିବାରେ ଅହେତୁକ ବିଳମ୍ବ ନେଇ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଶାସନ ସହ ଭାରତର ଆଲୋଚନା ।

ଏବଂ

- ତୃତୀୟ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କଲା ଭାରତ ।

# ରାଷ୍ଟ୍ରୀୟ ବାଲ୍ ପୁରସ୍କାର

ଯୁବ ସଶକ୍ତୀକରଣକୁ ଦୃଷ୍ଟିରେ ରଖି ଦେଶରେ ନୂତନ ନୀତି ପ୍ରଣୟନ କରାଯାଉଛି । ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବୀର୍ ବାଲ୍ ଦିବସ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟକୁ ସାକାର କରିବା ପାଇଁ ଜେନ୍ ଜି ଏବଂ ଜେନ୍ ଆଲ୍‌ଫା ଅଗ୍ରଣୀ ଭୂମିକା ଗ୍ରହଣ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ମହାକାଶ, କ୍ରୀଡ଼ା, ଫିନ୍‌ଟେକ୍, ଉତ୍ପାଦନ ଆଦି କ୍ଷେତ୍ରରେ ଦେଶର ଯୁବକ ଯୁବତୀମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରି ସରକାର ପଦକ୍ଷେପ ନେଉଛନ୍ତି । 'ମେରା ଯୁବା ଭାରତ' ମାଧ୍ୟମରେ ଯୁବକମାନଙ୍କୁ ଯୋଡ଼ିବା ସହ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା ବିକାଶ କରାଯାଉଛି । ପ୍ରତ୍ୟେକ କ୍ଷେତ୍ରରେ ଯୁବବର୍ଗଙ୍କପାଇଁ ନୂତନ ସୁଯୋଗ ସୃଷ୍ଟି ହେଉଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM)*** :........

ପ୍ରଧାନମନ୍ତ୍ରୀ କହିଛନ୍ତି, ଯୁବପ୍ରତିଭାର ବିକାଶ ଏବଂ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତାକୁ ପ୍ରୋତ୍ସାହନ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ନୂତନ ଜାତୀୟ ଶିକ୍ଷାନୀତି ମାଧ୍ୟମରେ ବିକଶିତ ଭାରତପାଇଁ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରାଯାଇଛି । ନୂତନ ଜାତୀୟ ଶିକ୍ଷାନୀତିରେ ଏକବିଂଶ ଶତାବ୍ଦୀର ଶିକ୍ଷା ପ୍ରଣାଳୀକୁ ଗୁରୁତ୍ୱ ଦିଆଯାଇ

ପ୍ରାୟୋଗିକ ଶିକ୍ଷା ଏବଂ ଦକ୍ଷତା ବିକାଶ ଉପରେ ପର୍ଯ୍ୟବସିତ କରାଯାଇଛି ।

ପ୍ରଧାନମନ୍ତ୍ରୀ ଆଜି ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ୨୦ ଜଣ ବିଜେତାଙ୍କ ସହ ଭାବ ବିନିମୟ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ନବସୃଜନ, ସାହସ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ କଳା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ପିଲାମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ପେକଟ ଗ୍ରାମର ସୁଶ୍ରୀ ଜ୍ୟୋତ୍ସ୍ନା ଶବର ମଧ୍ୟ ପୁରସ୍କାର ଗ୍ରହଣ କରିଛନ୍ତି ।

ଶିଖ୍ ଗୁରୁ ଗୋବିନ୍ଦ ସିଂହଜୀଙ୍କ ଦୁଇ ପୁତ୍ର ସାହିବଜାଦା ବାବା ଜୋରାୱର୍ ସିଂହ ଏବଂ ବାବା ଫତେହ ସିଂହଙ୍କ ଅଦମ୍ୟ ସାହସ ଓ ବଳିଦାନକୁ ସମ୍ମାନ ଜଣାଇ ଆଜି ଦେଶବ୍ୟାପୀ ବୀର୍ ବାଲ୍ ଦିବସ ପାଳନ କରାଯାଉଛି । ଅଳ୍ପ ବୟସରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ସାହିବଜାଦେଙ୍କ ଜୀବନୀ ଭାରତର ଇତିହାସର ଏକ ମର୍ମସ୍ପର୍ଶୀ ଅଧ୍ୟାୟ । ଗତ ୨୦୨୨ ଜାନୁଆରୀ ମାସରେ ଗୁରୁ ଗୋବିନ୍ଦ ସିଂହଙ୍କ ପ୍ରକାଶ ପର୍ବ ପାଳନ ଅବସରରେ ବୀର ବାଲ୍ ଦିବସ ପାଳନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ ।

## ରେଲୱେ-ଟ୍ରେନ୍ କାପାସିଟି

ଭାରତୀୟ ରେଳବାଇ ଆସନ୍ତା ୨୦୩୦ ସୁଦ୍ଧା ୪୮ଟି ପ୍ରମୁଖ ସହରରେ ରେଳ ଚଳାଚଳକୁ ଦ୍ୱିଗଣିତ କରିବାକୁ ଯୋଜନା କରିଛନ୍ତି । ଟ୍ରେନ୍‌ରେ ଅଧିକ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଏହି ନିଷ୍ପତ୍ତି ନେଇଛି । ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ହାଇଦ୍ରାବାଦ୍, ବେଙ୍ଗାଲୁରୁ, ପାଟନା, ଭୋପାଳ ଏବଂ ପୁରୀ ଆଦି ସହରରେ ଟ୍ରେନ୍ ଚଳାଚଳ ବୃଦ୍ଧି ପାଇବ । ରେଳ ମନ୍ତ୍ରଣାଳୟ କହିଛି, ଏହାଦ୍ୱାରା ଟ୍ରେନ୍‌ରେ ଯାତ୍ରୀମାନଙ୍କ ଯାତ୍ରା ସୁଗମ ହୋଇପାରିବ । ରେଳ ବୋର୍ଡ ଅଧ୍ୟକ୍ଷ ସତୀଶ କୁମାର ଏ ସଂକ୍ରାନ୍ତରେ ସମସ୍ତ ଜୋନାଲ୍‌କୁ ଟ୍ରେନ୍ ସଂଖ୍ୟା ବୃଦ୍ଧି କରିବାକୁ ଚିଠି ଲେଖିଛନ୍ତି । ସେହି ଅଞ୍ଚଳଗୁଡ଼ିକରେ ନୂତନ ଟର୍ମିନାଲ୍ ପ୍ରତିଷ୍ଠା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ୪ ଦିନିଆ ଗସ୍ତରେ ଗୋଆ, କର୍ଣ୍ଣାଟକ ଏବଂ ଝାଡ଼ଖଣ୍ଡ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଗୋଆ ଅଭିମୁଖେ ଯାତ୍ରା କରିବେ । ଆସନ୍ତା ରବିବାର ରାଷ୍ଟ୍ରପତି କର୍ଣ୍ଣାଟକର ଖାର୍‌ୱାର୍ ବନ୍ଦରରୁ ବୁଡ଼ାଜାହାଜରେ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ପରଦିନ ରାଷ୍ଟ୍ରପତି ଝାଡ଼ଖଣ୍ଡର ଜାମସେଦପୁରଠାରେ ଅଲ୍ ଚିକି ଭାଷାର ଶତବାର୍ଷିକ

ସମାରୋହରେ ଯୋଗଦେବେ । ସେହିଦିନ ରାଷ୍ଟ୍ରପତି ସେଠାରେ ନିଟ୍‌ର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଅଭିଭାଷଣ ରଖିବେ । ଆସନ୍ତା ୩୦ ତାରିଖରେ ରାଷ୍ଟ୍ରପତି ଝାଡ଼ଖଣ୍ଡ ସ୍ଥିତ ଗୁମ୍‌ଲାଠାରେ ଅନ୍ତର୍ଯ୍ୟାୟ ଜନସାଂସ୍କୃତିକ ସମାଗମ ସମାରୋହ କାର୍ତ୍ତିକ ଯାତ୍ରାରେ ଉଦ୍‌ବୋଧନ ରଖିବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ଚିଫ୍ ସେକ୍ରେଟେରିଜ୍

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେଉଥିବା ୩ ଦିନିଆ ପଞ୍ଚମ ଜାତୀୟ ମୁଖ୍ୟସଚିବ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଯୋଗଦେବେ । ପ୍ରଧାନମନ୍ତ୍ରୀ ମଧ୍ୟ ଆସନ୍ତା ରବିବାର ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଜାତୀୟ ବିକାଶକୁ ପ୍ରାଥମିକତା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସମନ୍ୱିତ ସହଯୋଗକୁ ଅଧିକ ସୁଦୃଢ଼ କରିବାରେ ଏହି ସମ୍ମିଳନୀ ଏକ ଦୃଢ଼ ମଞ୍ଚ ପ୍ରଦାନ କରିବ । ଦେଶର ମାନବ ସମ୍ବଳ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ସହ ଅନ୍ତର୍ଭୁକ୍ତି, ଭବିଷ୍ୟତ ପାଇଁ ପ୍ରସ୍ତୁତି ଅଭିବୃଦ୍ଧି ସଂକ୍ରାନ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ଏକୀକୃତ ଚିଠା ପ୍ରସ୍ତୁତ କରିବାରେ ଏହି ମଞ୍ଚ ଉପଯୋଗୀ ସାବ୍ୟସ୍ତ ହେବ ।

ସହଯୋଗମୂଳକ ସଂଘୀୟ ଦୃଷ୍ଟିକୋଣକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ ବୋଲି କୁହାଯାଇଛି । ବିକଶିତ ଭାରତ ପାଇଁ ମାନବ ସମ୍ବଳ ପ୍ରସଙ୍ଗ ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ପ୍ରଦାନ କରାଯିବ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସର୍ବୋତ୍ତମ

ପଦକ୍ଷେପ ଗୁଡ଼ିକ ସଂପର୍କରେ ଅନ୍ୟମାନଙ୍କୁ ଅବଗତ କରାଯିବା ସହ ଏହାକୁ ଆପଣାଇବାରେ ମାର୍ଗଦର୍ଶନ ଉପରେ ସମ୍ମିଳନୀରେ ମତ ବିନିମୟ ହେବ ।

ଚଳିତବର୍ଷ ୫ଟି ପ୍ରମୁଖ କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ଧ୍ୟାନ କେନ୍ଦ୍ରୀଭୂତ ରହିଛି । ସେଗୁଡ଼ି ହେଉଛି ପ୍ରାରମ୍ଭିକ ଶୈଶବ ଶିକ୍ଷା, ବିଦ୍ୟାଳୟ ଶିକ୍ଷା, ଦକ୍ଷତା, ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ର ଗତ ୨୦୨୨ ମସିହାରେ ପ୍ରଥମଥର ପାଇଁ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିବର୍ଷ ଏହି ଜାତୀୟ ସମ୍ମିଳନୀର ଆୟୋଜନ କରାଯାଉଛି ।

# ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସାମର ରାଭା, ମିଶିଂ ଏବଂ ତିୱା ସମ୍ପ୍ରଦାୟର ପ୍ରତିନିଧି ମଣ୍ଡଳୀ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା ସେମାନଙ୍କର ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଉପସ୍ଥିତିରେ ସେ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରାଯାଇ ସେମାନଙ୍କର ସମସ୍ୟାକୁ ସମାଧାନ କରିବାକୁ ପଦକ୍ଷେପ ନିଆଯିବ ।

# ଏମ୍‌ଇଏ-ବ୍ରିଫିଂ

ଭାରତୀୟମାନଙ୍କୁ ଏଚ୍.ୱାନ୍.ବି. ଭିସା ମିଳିବାରେ ଅହେତୁକ ବିଳମ୍ବ ହେଉଥିବା ନେଇ ଭାରତ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଯୟସ୍ୱାଲ କହିଛନ୍ତି, ଏଚ୍.ୱାନ୍.ଭି. ଭିସା ମିଳିବାରେ ବିଳମ୍ବ ହେଉଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ ଆସିଛି । ଏହି ପ୍ରସଙ୍ଗରେ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଶାସନ ସହ ସରକାର ଆଲୋଚନା କରୁଛନ୍ତି । ଭାରତ ପକ୍ଷରୁ ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ଡିସି ଠାରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକାର କର୍ତ୍ତୃପକ୍ଷଙ୍କୁ ଏହି ପ୍ରସଙ୍ଗରେ ଅବଗତ କରାଯାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି । ଏହି ଭିସା ମିଳିବାରେ ବିଳମ୍ବ ହେବା ଯୋଗୁଁ ଅନେକ ଭାରତୀୟ ପ୍ରଭାବିତ ହେବା ସହ ଉଚ୍ଚଶିକ୍ଷା ପାଇଁ ଯିବାକୁ ଥିବା ଅନେକ ଛାତ୍ରଛାତ୍ରୀ ଏଥିରେ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି ।

ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟଙ୍କ ଉପରେ ହୋଇଥିବା ହିଂସା ଆଚରଣ ସମ୍ପର୍କରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଏହି ପ୍ରସଙ୍ଗକୁ ଭାରତ ଦୃଢ଼ ନିନ୍ଦା କରୁଛି । ବାଂଲଶଦେଶରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ସେଠାରେ ସ୍ୱଚ୍ଛ ଓ ନରିପେକ୍ଷ ନିର୍ବାଚନ ହେବା ନେଇ ଭାରତ ସମର୍ଥନ କରୁଛି ।

## କୋଲ ମାଇନ୍ସ

ନୂତନ କୋଇଲା ଖଣି ଖନନ ଆରମ୍ଭ କରିବାକୁ ସରକାର କୋଲିଆରୀ ନିୟନ୍ତ୍ରଣ ନିୟମ ସଂଶୋଧନ ୨୦୨୫ର ବିଜ୍ଞପ୍ତି ଜାରି ରଖିଛନ୍ତି । ଏହାଦ୍ୱାରା ନୂତନ କୋଇଲା ଖଣିଗୁଡ଼ିକର ଖନନ ଆରମ୍ଭ କରିବାକୁ ସହଜରେ ଅନୁମତି ମିଳିପାରିବ । କୋଇଲା ମନ୍ତ୍ରଣାଳୟର ସୂଚନା ଅନୁସାରେ ଏହାଦ୍ୱାରା କୋଇଲାଖଣି ଗୁଡ଼ିକର ଖନନ ପ୍ରକ୍ରିୟା ସହଜ ଏବଂ ତ୍ୱରାନ୍ୱିତ ହୋଇପାରିବ । ପୂର୍ବ ନିୟମ ଅନୁସାରେ କୋଇଲା ନିୟନ୍ତ୍ରଣକ ସଂସ୍ଥା ସି.ସି.ଓ. ପାଖରୁ ନୂତନ କୋଇଲା ଖଣି ଖୋଲିବାକୁ ଅନୁମତି ମାଗିବାକୁ ପଡୁଥିଲା ।

## ଖେଳ

ଥିରୁବନନ୍ତପୁରମ୍‌ଠାରେ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ଭାରତ-ଶ୍ରୀଲଙ୍କା ଚଳିତ ପାଞ୍ଚଟିକିଆ ମହିଳା ଟି-ଟ୍ୱେଣ୍ଟି ସିରିଜ୍‌ର ଏହା ହେଉଛି ତୃତୀୟ ମ୍ୟାଚ୍ । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଶ୍ରୀଲଙ୍କା ୨ ଓଭରରେ କୌଣସି ୱିକେଟ୍ ନ ହରାଇ ୧୪ ରନ୍ ସଂଗ୍ରହ କରିଛି । ପ୍ରଥମ ଏବଂ ଦ୍ୱିତୀୟ ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି ।